**ସଂକ୍ଷେପରେ**

## ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକଙ୍କ ବିୟୋଗ

ଛତ୍ରପୁର, ୧୮।୧୨ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଛତ୍ରପୁର ବ୍ଲକ ଅନ୍ତର୍ଗତ କେରାଣ୍ଡିତୋଳା ନାରାୟଣପୁର ଗ୍ରାମର ବରିଷ୍ଠ ନାଗରିକ ମଞ୍ଚର ସଂପାଦକ ବାଉରୀବନ୍ଧୁ ସାହୁଙ୍କ ଗତ ରବିବାର ରାତିରେ ଦେହାନ୍ତ ହୋଇଛି। ସେ ଜଣେ ସ୍ୱଚ୍ଛ, ଧାର୍ମିକ, ମେଳାପୀ ଏବଂ ସଂଗଠକ ରୂପେ ପରିଚିତ ଥିଲେ। ବରିଷ୍ଠ ନାଗରିକ ମଞ୍ଚର ପ୍ରତିଷ୍ଠାଠାରୁ ଏ ପର୍ଯ୍ୟନ୍ତ ସମ୍ପାଦକ ଦାୟିତ୍ୱ ତୁଲାଇ ଆସୁଥିଲେ। ତାଙ୍କ ବିୟୋଗରେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ନରହରି ପ୍ରଧାନ, ସଂଯୋଜକ କାମରାଜୁ ମହାରଣା, କୋଷାଧକ୍ଷ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଗ୍ରାମ୍ୟ ସଭାପତି ଅମରେଶ୍ୱର ସାହୁ ପ୍ରମୁଖ ଶୋକ ପ୍ରକାଶ କରିବା ସହ ଅନ୍ତିମ ସଂସ୍କାର ବେଳେ ଉପସ୍ଥିତ ଥିଲେ।

## ୭୩ ଅଭିଯୋଗ ଶୁଣିଲେ ଜିଲାପାଳ

କ. ନୂଆଗାଁ, ୧୮।୧୨ (କାଳୀ ପ୍ରସାଦ ତ୍ରିପାଠୀ)

କନ୍ଧମାଳ ଜିଲା କ.ନୂଆଗାଁ ପଞ୍ଚାୟତ ସମିତି ସଭାଗୃହରେ ସୋମବାର ବ୍ଲକ ସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଯୋଗଦେଇ ୭୩ ମାମଲାର ଶୁଣାଣି କରିଥିଲେ। ସେଥିରୁ ୬୯ ବ୍ୟକ୍ତିଗତ ଥିଲାବେଳେ ୪ଟି ସାମୂହିକ ଥିଲା। ବ୍ୟକ୍ତିଗତରେ ବିଜୁ ପକ୍କା ଘର ନିର୍ମାଣ, ଭତ୍ତା, ରାଶନ କାର୍ଡ, ଜମି ପ୍ରଦାନ ପାଇଁ ଅଭିଯୋଗ ହୋଇଥିଲାବେଳେ, ସାମୂହିକ ଭାବରେ ବିଦ୍ୟୁତ୍, ଜଳ, ନେଟୱର୍କ ସ୍ଥାପନ ନିମନ୍ତେ ଅଭିଯୋଗ ଆସିଥିଲା। ଏହି ଅଭିଯୋଗ ଶୁଣାଣି ବେଳେ କନ୍ଧମାଳ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନ୍ମଥନାଥ ମଲ୍ଲିକ, କ.ନୂଆଗାଁ ତହସିଲଦାର ଅର୍ଜୁନ ପ୍ରଧାନ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଶୋଭମ ମହାପାତ୍ର, ସିଡିପିଓ ଦ୍ରୌପଦୀ କହଁରଙ୍କ ସମେତ ଜିଲାର ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ।

## ପ୍ରାଥମିକ ବିଦ୍ୟାଳୟରେ ପାଠାଗାର ଉଦ୍‌ଘାଟିତ

ଖଜୁରିପଡା, ୧୮।୧୨ (ବିଦୁର ବେହେରା)

ଖଜୁରିପଡ଼ା ସଦରମହକୁମାସ୍ଥିତ ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠାଗାର ଉଦ୍‌ଘାଟନ ହୋଇଯାଇଛି । ପିରାମଲ ଫାଉଣ୍ଡେଶନର ଗାନ୍ଧୀ ଫେଲୋ ବର୍ଷା ନାଗରଙ୍କ ସହଯୋଗରେ ସ୍ଥାପିତ ଲାଇବ୍ରେରୀକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ଦିଗାଲ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆରତୀ ଦେବୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅହଲ୍ୟା ମହାପାତ୍ର ଏହି ଅନନ୍ୟ ପଦକ୍ଷେପକୁ ପ୍ରଶଂସା କରିଥିଲେ। ସମ୍ବଲ ସାଧନସେବୀ ଅଜିତ ସାହାଣୀ, ନାରସୁ କହଁରଙ୍କ ସହ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର ଓ ପିରାମଲ ଫାଉଣ୍ଡେଶନ ଆକାଂକ୍ଷା ଭାରତ ସହଯୋଗୀ କାର୍ଯ୍ୟକ୍ରମର ସମସ୍ତ ଗାନ୍ଧୀ ଫେଲୋ ସହଯୋଗ କରିଥିଲେ।

# ଖୋଲୁନି ମଣ୍ଡି, ଖୋଲାରେ ପଡ଼ିଛି ଧାନ

ପାରଳାଖେମୁଣ୍ଡି, ୧୮।୧୨ (ଗିରିଧାରୀ ପରିଚ୍ଛା)

ଖରିଫ ସରି ରବି ଆରମ୍ଭ ହୋଇଗଲାଣି ତଥାପି ଖରିଫ ଧାନ ବିକ୍ରିବଟା କରିବା ପାଇଁ ଦ୍ୱନ୍ଦ୍ୱ ଲାଗି ରହିଥିବା ଯୋଗୁ ବର୍ତ୍ତମାନ ସୁଦ୍ଧା ଗଜପତି ଜିଲାରେ ଚାଷୀଙ୍କ ଧାନମଣ୍ଡି ଖୋଲିନାହିଁ। ଫଳରେ ଚାଷୀର ଧାନ ଖଳା, ରାସ୍ତାକଡ଼ରେ ମୁକୁଳା ହୋଇପଡିଛି। ତେଣେ ମେଘାଚ୍ଛନ୍ନ ଆକାଶକୁ ଦେଖି ଚାଷୀକୁଳରେ ଛନକା ପଶୁଛି। ଡିସେମ୍ବର ମାସ ଶେଷ ହେବାକୁ ହାତଗଣତି ଦିନ ରହିଥିଲେ ସୁଦ୍ଧା ଜିଲାରେ ଧାନମଣ୍ଡି ଖୋଲିବା ପାଇଁ କୌଣସି ତତ୍ପରତା ଦେଖାଉନାହାନ୍ତି ବିଭାଗୀୟ ଅଧିକାରୀମାନେ ବୋଲି ଚାଷୀ କେ. ସୁରି, କେ. ରାମରାଓ, କେ. ସୋମେସୁ, କେ. ଭାସ୍କର, ୱାଇ. ମୁରଲୀ ଅଭିଯୋଗ କରିଛନ୍ତି। ଚଳିତବର୍ଷ ଧାନମଣ୍ଡି ଖୋଲିବାରେ ଅହେତୁକ ବିଳମ୍ବ କାହିଁକି କରାଯାଇଛି। ଏପରି ବିଳମ୍ବକୁ ନେଇ ନାନାଦି ଆଲୋଚନା ହେଉଛି। ଗୋଟିଏ ପଟେ ଧାନମଣ୍ଡି ଖୋଲାଯାଇ ନ ଥିବାରୁ ଚାଷୀକୁଳ ଚିନ୍ତାରେ ଥିବାବେଳେ ଅନ୍ୟପଟେ ଆନ୍ଧ୍ରର ଧାନ ବ୍ୟବସାୟୀ ତଥା ଦଲାଲମାନେ ସକ୍ରିୟ ହୋଇସାରିଲେଣି। ଅପରପକ୍ଷରେ ଗଜପତି ଜିଲା ଏକ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ହୋଇଥିବାରୁ କୌଣସି ମୁହୂର୍ତ୍ତରେ ବନ୍ୟା, ବାତ୍ୟା, ସାମୁଦ୍ରିକ ଝଡ଼ ତଥା ଅଦିନିଆ ବର୍ଷାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ଗୋଟିଏ ପଟେ ଧାନମଣ୍ଡି ଖୋଲିବାର ନାଁଗନ୍ଧ ନ ଥିବା ବେଳେ ଅନ୍ୟପଟେ ବର୍ଷା ଆଶଙ୍କା, ବାର୍‌ହା ଉପଦ୍ରବ ଆଦି ଚାଷୀ ମୁଣ୍ଡରେ ଚିନ୍ତା ବଢାଇ ଦେଇଛି। ଜିଲାରେ ବର୍ଷାର ଅଭାବ ଯୋଗୁ ଚଳିତବର୍ଷ ସାରା ଜିଲାରେ ମରୁଡି ପରିସ୍ଥିତି ଉପୁଜିଥିଲା। ପରେ ଧାନ ଅମଳ ସମୟରେ ବାତ୍ୟା ମିଗ୍‌ଜୋମ୍ ପ୍ରଭାବରେ ଧାନ ଫସଲ ସହ ମକା ଓ କପା ଫସଲ ମଧ୍ୟ ନଷ୍ଟ ହେଇଥିବା ଦେଖିବାକୁ ମିଳିଥିଲା। ବର୍ଷା ଯୋଗୁ ଅନେକ ଜାଗାରେ କ୍ଷେତରେ ଧାନ ଗଛ ଶୋଇପଡ଼ି ନଷ୍ଟ ହୋଇଥିବା ଦେଖିବାକୁ ମିଳିଥିଲା। ଜିଲାରେ ଧାନ ଫସଲ ପ୍ରାୟ ୨୫୦୦୦ ହେକ୍ଟର ଚାଷ କରାଯାଇଥିବା ବେଳେ ଅଧିକାଂଶ ଜମିର ଧାନ ଅମଳ କରାଯାଇ ଅମଳ ଧାନ କେଉଁଠି ରାସ୍ତାକଡ଼ରେ ତ ଆଉ କେଉଁଠି ବିଲ ମଝିରେ ପଡ଼ିରହିଛି। ସରକାର ଚଳିତ ବର୍ଷ ଧାନ କୁଇଣ୍ଟାଲ ପିଛା ୨୧୮୩ ଟଙ୍କା ଧାର୍ଯ୍ୟ କରିଛନ୍ତି। ତେବେ ଚଳିତମାସ ଶେଷ ସୁଦ୍ଧା ଜିଲାରେ ଧାନମଣ୍ଡି ଖୋଲାଯିବ ଏବଂ ଚାଷୀଙ୍କଠାରୁ ଧାନ କିଣାଯିବ ବୋଲି କହିଛନ୍ତି ଗଜପତି ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ।



ଖୋଲାରେ ପଡ଼ିଥିବା ଧାନ।

## ନୂତନ ଉନ୍ନତ ଅଭିଳାଷା କାର୍ଯ୍ୟକ୍ରମ ଉଦ୍‌ଯାପିତ




ଅତିଥିଙ୍କ ସହ କୃତି ପ୍ରତିଯୋଗୀ।

ଫୁଲବାଣୀ, ୧୮।୧୨ (ରାକେଶ କୁମାର ରାଉତ)

ଫୁଲବାଣୀ ସ୍ଥିତ ସରକାରୀ ବହୁବୃତି ବୈଷୟିକ ଶିକ୍ଷାନୁଷ୍ଠାନ ପରିସରରେ ନୂତନ ଉନ୍ନତ ଅଭିଳାଷା(ନୂଆ-ଓ) କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ବୈଠକରେ ଓଡ଼ିଶା ରାଜ୍ୟ ବିହନ ନିଗମର ସଭାପତି ବିଜୟ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ, ସମ୍ମାନୀତ ଅତଥି ଭାବେ ଜିଲା ଯୋଜନା ଆୟୋଗ ସଭ୍ୟ ରାଜେନ୍ଦ୍ର କୁମାର ପାଢ଼ୀ, କସମ ସମ୍ପାଦକ ସିତ କୁମାର ପଟ୍ଟନାୟକ, ଦାରିଙ୍ଗବାଡ଼ି ଶିଳ୍ପ ଓ ତାଲିମ ପ୍ରତିଷ୍ଠାନର ଅଧକ୍ଷ ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ବିଭିନ୍ନ ଦିଗ ଉପରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିଥିଲେ। ଏହି ଅବସରରେ ବିଭିନ୍ନ ବର୍ଗରେ ଅନୁଷ୍ଠିତ ହୋଇଥିବା ୪୦ଗୋଟି କାର୍ଯ୍ୟକ୍ରମର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ଶିକ୍ଷାନୁଷ୍ଠାନର ଅଧକ୍ଷ ଇଂ ଶ୍ରୀକାନ୍ତ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ତୃପ୍ତି ମହାନ୍ତି ସଭା ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଜବରଦଖଲ ଉଚ୍ଛେଦ ପ୍ରତିବାଦରେ ରାସ୍ତାରୋକୋ

କବିସୂର୍ଯ୍ୟନଗର, ୧୮।୧୨ (କୃପାସିନ୍ଧୁ ସ୍ୱାଇଁ)

**କବିସୂର୍ଯ୍ୟନଗର ଏନ୍‌ଏସି ରୋଡ**

କବିସୂର୍ଯ୍ୟନଗର ଅଧିଷ୍ଠାତ୍ରୀ ଦେବୀ ମା' ମହାମାୟୀଙ୍କ ପୀଠକୁ ଯିବାଲାଗି ଥିବା ରାସ୍ତାରୁ ଗତ ୧୫ ତାରିଖରେ ଜବରଦଖଲ ଉଚ୍ଛେଦ ହୋଇଥିଲା। ଏଥିରେ ବ୍ୟବସାୟୀମାନେ ପ୍ରତିକ୍ରିୟାଶୀଳ ହୋଇପଡ଼ିଥିଲେ । ଅନେକ ସାଧାରଣ ଲୋକଙ୍କ ବାରଣ୍ଡା ଭାଙ୍ଗି ଦିଆଯାଇଥିବା ଅଭିଯୋଗ କରିଥିଲେ। ୫-ଟି ଅଧକ୍ଷଙ୍କ ମହାମାୟୀ ମନ୍ଦିର ଗସ୍ତ କାର୍ଯ୍ୟକ୍ରମ ଥିଲା ବୋଲି ତରବରିଆ ଭାବେ ଉଚ୍ଛେଦ କରାଗଲା ବୋଲି ସହରବାସୀ ଅଭିଯୋଗ କଲେ। ସୋମବାର କ୍ଷତିଗ୍ରସ୍ତ ବ୍ୟବସାୟୀ ଓ ସହରର ସାଧାରଣ ଲୋକେ ଏନଏସି କାର୍ଯ୍ୟାଳୟକୁ ଅଭିଯୋଗ ପାଇଁ ଆସିଥିଲେ। ନିର୍ବାହୀ ଅଧିକାରୀ ଅନୁପସ୍ଥିତ ହେତୁ ବହୁ ସମୟ ଅପେକ୍ଷା କରି ମୁଖ୍ୟ ରାଜପଥକୁ ଅବରୋଧ କରିଥିଲେ । କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ, ବିବାଦପୂର୍ଣ୍ଣ ୯୪୬ ମିଟର ରାସ୍ତା ସମ୍ପ୍ରସାରଣ, ପାର୍କିଂ ବ୍ୟବସ୍ଥା, ମହାମାୟୀ ତୋରଣ ଲାଗି ବ୍ୟବସାୟୀ ଉଚ୍ଛେଦ, ଅସ୍ଥାୟୀ ପରିବା ବେପାରୀଙ୍କୁ ଉଚ୍ଛେଦ ଆଦି ଦାବି ରଖିଥିଲେ । କବିସୂର୍ଯ୍ୟନଗର ପୋଲିସ ଘଟଣାସ୍ଥଳକୁ ଆସି ବହୁ ସମୟ ଧରି ବୁଝାଶୁଝା କରିଥିଲା। ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାସ ଆନ୍ଦୋଳନକାରୀଙ୍କୁ ଡକାଇ ଆଲୋଚନା କରିଛନ୍ତି। ଗୌରୀଶଙ୍କର ସାସମଲ, ଆଇନଜୀବୀ ଶଙ୍କର ପାତ୍ର, ଲୋକନାଥ ସାହୁ, ଭଗବାନ ସାହୁ, ପ୍ରମୋଦ ସାହୁ, କେଶବ ଦଳାଇ, ରତ୍ନାକର ପାତ୍ର ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ।

## ଭାଜପା କୋର କମିଟି ବୈଠକ

ଆସିକା, ୧୮।୧୨ (ସୁରେନ୍ଦ୍ର ନାଥ ସାହୁ)

ଆସିକାସ୍ଥିତ ଅଶୋକା କନଫେରେନ୍ସ ହଲ ଠାରେ ଘୁମୁସର ଜିଲା ଭାଜପାର ହିଞ୍ଜିଳି ଓ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର କୋର କମିଟି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଘୁମୁସର ଜିଲା ଭାଜପା ସଭାପତି ଗୋକୁଳାନନ୍ଦ ମଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦଳର ରାଜ୍ୟ ସାଧାରଣ ସମ୍ପାଦକ (ସଙ୍ଗଠନ) ମାନସ କୁମାର ମହାନ୍ତି, କେନ୍ଦ୍ରରୁ ଆସିଥିବା ରାଜ୍ୟସଭା ସଦସ୍ୟ ଦିନେଶାନନ୍ଦ ଗୋସ୍ୱାମୀ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ । ବୈଠକରେ ରାଜ୍ୟ ସରକାରଙ୍କୁ ବିରୋଧ ନେଇ ଚାଲିଥିବା କାର୍ଯ୍ୟକ୍ରମର ସମୀକ୍ଷା ସହ ଆଗାମୀ ନିର୍ବାଚନ ଲାଗି ଦଳୀୟ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ସୂର୍ଯ୍ୟନାରାୟଣ ଦାସ, ମହେଶ ମହାନ୍ତ, ନିର୍ବାଚନ ମଣ୍ଡଳି ସଂଯୋଜକ ନାରାୟଣ ବେହେରା, ନିର୍ବାଚନ ମଣ୍ଡଳି ପ୍ରଭାରୀ ଅରୁଣ କୁମାର ପଣ୍ଡା, ପୂର୍ବତନ ବିଧାୟକ ଦେବରାଜ ମହାନ୍ତି, ପୂର୍ବତନ ବିଧାୟକ ସରୋଜ କୁମାର ପାଢୀ, ପୂର୍ବତନ ଘୁମୁସର ଜିଲା ମହିଳାମୋର୍ଚ୍ଚା ସଭାନେତ୍ରୀ ମଧୁସ୍ମିତା ପୋଲାଇ, ଶ୍ରୀନିବାସ ଭଞ୍ଜ, ସରୋଜ କୁମାର ଭଞ୍ଜ, ରାଘବ ସିଅ, ରବୀନ୍ଦ୍ର ନାଥ ପୋଲାଇଙ୍କ ସମେତ ବିଭିନ୍ନ ମଣ୍ଡଳର ସଦସ୍ୟ, ଜିଲା ଓ ରାଜ୍ୟ କାର୍ଯ୍ୟକର୍ତ୍ତା ଓ ସଂଗଠନ କମିଟି ସଦସ୍ୟ ଅଂଶ ଗ୍ରହଣ କରିଥିଲେ ।

### ହୋଟେଲ, ରେଷ୍ଟୁରାଣ୍ଟରେ ଚଢ଼ାଉ

## ବିନା ଲାଇସେନ୍ସରେ ଚାଲିଛି ଏକାଧିକ ହୋଟେଲ

ଦାରିଙ୍ଗବାଡି, ୧୮।୧୨ (ଅରୁଣ ସାହୁ)- ପର୍ଯ୍ୟଟକଙ୍କ ଖାଦ୍ୟ ସୁରକ୍ଷା ପାଇଁ ସୋମବାର ଦାରିଙ୍ଗବାଡି ଅଞ୍ଚଳରେ ପ୍ରାୟ ୧୭ ହୋଟେଲ, ରେଷ୍ଟୁରାଣ୍ଟ ଉପରେ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଛି। କନ୍ଧମାଳ ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ସତ୍ୟବ୍ରତ ଷେଣ୍ଢଙ୍କ ନେତୃତ୍ୱରେ ବିଭାଗର ଏକ ଟିମ ସମେତ ଦାରିଙ୍ଗବାଡି ପୋଲିସ ଅଧିକାରୀ ସୁବାସ ଚନ୍ଦ୍ର ବାୟକଙ୍କ ସମେତ ସଦଳବଳ ବିଭିନ୍ନ ସ୍ଥାନରେ ଏହି ଚଢ଼ାଉ କରାଯାଇଛି। ଏକାଧିକ ହୋଟେଲର ଲାଇସନ୍ସ ନଥିବା ବେଳେ ପ୍ରାୟ ୨୦ କେଜି ବାସି ଖାଦ୍ୟକୁ ବିଭାଗ ପକ୍ଷରୁ ନଷ୍ଟ କରାଯାଇଛି। ଦୀର୍ଘ ଦିନର ମାଂସ, ମସଲା, ବଟୁରା ଯାଇଥିବା ବୁଟ ଡାଲି ଆଦିକୁ ହୋଟେଲ ଗୁଡିକରେ ରଖାଯାଇ ବାସି ଖାଦ୍ୟ ଦିଆଯାଉଥିଲା। ତାକୁ ବିଭାଗ ପକ୍ଷରୁ ନଷ୍ଟ କରାଯିବା ସହ ପ୍ରାୟ ୬ ହଜାର ଜରିମାନା ଆଦାୟ କରାଯାଇଛି। ଆଗାମୀ ଦିନରେ ବ୍ୟତିକ୍ରମ ଦେଖାଗଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନି ଦିଆଯାଇଛି। ପ୍ରକାଶ ଯେ ଦାରିଙ୍ଗବାଡିକୁ ଏବେ ପର୍ଯ୍ୟଟକଙ୍କ ଆଗମନ ହେଉଛି। ବିଭିନ୍ନ ଜିଲା ତଥା ରାଜ୍ୟରୁ ଶୀତର ମଜା ନେବା ପାଇଁ ପର୍ଯ୍ୟଟକଙ୍କ ସୁଅ ଛୁଟୁଥିବା ବେଳେ କିଛି ପର୍ଯ୍ୟଟକ ବଣ ଭୋଜି କରୁଥିବା ବେଳେ ଆଉ କେତେଜଣ ପର୍ଯ୍ୟଟକ ସ୍ଥାନୀୟ ହୋଟେଲ, ରେଷ୍ଟୁରାଣ୍ଟ ଉପରେ ନିର୍ଭର କରୁଛନ୍ତି। ସେମାନଙ୍କ ଖାଦ୍ୟ ନିରାପତ୍ତା, ସାମାଜିକ ସୁରକ୍ଷା ଓ ବିଭିନ୍ନ ମୌଳିକ ସୁବିଧା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବା ସହ ପର୍ଯ୍ୟଟକମାନେ ରାତ୍ରୀ ଯାପନ କରୁଥିବା ଲଡ଼ଜ ଗୁଡିକୁ ବାରମ୍ବାର ଯାଞ୍ଚ କରାଯାଉଛି ସେହିପରି ପର୍ଯ୍ୟଟକମାନେ କିଭଳି ସୁରକ୍ଷିତ ଖାଦ୍ୟ ପାଇବେ ଓ ସ୍ୱଚ୍ଛତା, ଗୁଣବତ୍ତା ଖାଦ୍ୟ ପାଇବେ ସେନେଇ ଏହି ଚଢ଼ାଉ କରାଯାଉଥିବା ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ସତ୍ୟବ୍ରତ ଷେଣ୍ଢ କହିଛନ୍ତି।

# ଉପଖଣ୍ଡସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି

ଭଞ୍ଜନଗର, ୧୮।୧୨ (ବାବୁଲା ପ୍ରଧାନ)

ଭଞ୍ଜନଗର ଉପଖଣ୍ଡସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଜନ ସମାଧାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଏସ୍‌ପି ଜଗମୋହନ ମୀନା ଏବଂ ଭଞ୍ଜନଗର ଉପଜିଲାପାଳ ଅନିଲ କୁମାର ସେଠୀ ମିଳିତ ଅଭିଯୋଗ ଶୁଣାଣି କରିଥିଲେ। ମୋଟ ୨୭୨ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରେ ୨୫୫ଟି ବ୍ୟକ୍ତିଗତ ଅଭିଯୋଗ ଓ ୧୭ଟି ଗ୍ରାମୀଣ ଅଭିଯୋଗ ଥିଲା। ୨୨ଟି ଅଭିଯାଗର ତୁରନ୍ତ ଫଇସଲା ହୋଇଥିଲା। ରେଡକ୍ରସ ପାଣ୍ଠିରୁ ଜଣଙ୍କୁ ୫ ହଜାର ଟଙ୍କା, ଆଉ ଜଣଙ୍କୁ ୬ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ଅଭିଯୋଗ ଶୁଣାଣି ସମୟରେ ଭଞ୍ଜନଗର ଏସଡ଼ିପିଓ ବିଶ୍ୱାମିତ୍ର ହରପାଲ, ତହସିଲଦାର ଉମାଶଙ୍କର ବେହେରା, ସହାୟକ ଜିଲାପାଳ ରାମଚନ୍ଦ୍ର ମହାପାତ୍ର, ଭଞ୍ଜନଗର ଥାନା ଅଧିକାରୀ ଭଗବାନ ପୂଜାରୀ ,ବେଲଗୁଣ୍ଠା ତହସିଲଦାର କଳାକାହ୍ନୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।




ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଉଛି।

# ଜଙ୍ଗଲକୁ ନିଆଁଦାଉରୁ ସୁରକ୍ଷା ଲାଗି ସଚେତନତା

ବ୍ରାହ୍ମଣୀଗାଁ, ୧୮।୧୨ (ମନୋରଞ୍ଜନ ରଣା)

ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ବନାଞ୍ଚଳ ପକ୍ଷରୁ ଜଙ୍ଗଲକୁ ନିଆଁ ଦାଉରୁ ସୁରକ୍ଷା ଯୋଗାଇବାକୁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସଚେତନ ରଥ ଦ୍ୱାରା ବନାଞ୍ଚଳ ଅଫିସରୁ ବାହାରି ବଜାର ପରିକ୍ରମା କରାଯାଇ ଜନ ସଚେତନ କରାଯାଇଛି। ସଙ୍ଗୀତ ମାଧ୍ୟମରେ ଜଙ୍ଗଲରେ ନିଆଁ ନ ଲଗେଇବା ପାଇଁ ଲୋକମାନଙ୍କୁ ସଚେତନ କରାଯାଇଥିଲା। ବ୍ରାହ୍ମଣୀଗାଁ ବନାଞ୍ଚଳ ଅଧିକାରୀ ବୀରେନ୍ଦ୍ର ପଟ୍ଟନାୟକଙ୍କ ନେତୃତ୍ୱରେ ଗଦାପୁର ଫରେଷ୍ଟର ସରୋଜ ବେହେରା ବ୍ରାହ୍ମଣୀଗାଁ ଫରେଷ୍ଟର ଦୀପକ କୁମାର ପଟ୍ଟନାୟକ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମ ଗଦାପୁର, ବ୍ରାହ୍ମଣୀଗାଁ, କାଟିଙ୍ଗା ସମେତ ଆଠଗୋଟି ହାତିମୁଣ୍ଡା, ତାଲୁଙ୍ଗି, ଗଦାପୁର, ସରାମଳି, ବ୍ରାହ୍ମଣୀଗାଁ, ଝିଞ୍ଜିରିଗୁଡା, କୁମ୍ଭାରୀଗାଁ, କାଟିଙ୍ଗା, ପଞ୍ଚାୟତରେ ସଚେତନ ଗୀତ ଦ୍ୱାରା କରାଯାଇଥିଲା। ଜଙ୍ଗଲ ଆମର ଜାତୀୟ ସମ୍ପଦ। ଏହାର ସୁରକ୍ଷା ଦେବା ସହିତ ବନ୍ୟପ୍ରାଣୀଙ୍କୁ ମଧ୍ୟ ମିଳିମିଶି ସୁରକ୍ଷା କରିବା ବୋଲି କୁହାଯାଇଛି।

## ପୋଖରୀରୁ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଜବତ

ଛତ୍ରପୁର, ୧୮।୧୨ (ଦିଲୀପ ସାମଲ):

ଛତ୍ରପୁର ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମ ବଡ଼ବନ୍ଧରେ ଭାସୁଥିବା ଜଣେ ବ୍ୟକ୍ତିଙ୍କ ମୃତଦେହକୁ ଚମାଖଣ୍ଡି ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ।ପାଣିରେ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକ ଦେଖି ପୋଲିସକୁ ଜଣାଇଥିଲେ। ଚମାଖଣ୍ଡି ଥାନା ଅଧିକାରୀ ବିଦ୍ୟା ଭାରତୀ ନାୟକ ଓ ଏଏସଆଇ ଅରୁଣ କୁମାର ରାଉତ ସେଠାରେ ପହଞ୍ଚିଥିଲେ। ଛତ୍ରପୁର ଅଗ୍ନିଶମ୍ କର୍ମଚାରୀମାନେ ପାଣିରୁ ମୃତଦେହକୁ ବାହର କରିବା ପରେ ପୋଲିସ ତାହାକୁ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲ ପଠାଇଥିଲା। ଏ ନେଇ ୭/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ୧୯୮୭ ମାଟ୍ରିକ ବ୍ୟାଚର ବନ୍ଧୁମିଳନ



ବନ୍ଧୁମିଳନରେ ଯୋଗଦେଇଥିବା ପୁରାତନ ଛାତ୍ରମାନେ।

ପାରଳାପାରଳାଖେମୁଣ୍ଡି (ଗିରିଧାରୀ ପରିଚ୍ଛା) ୧୮।୧୨

ରବିବାର ସ୍ଥାନୀୟ ମହାରାଜାଙ୍କ ଉଚ୍ଚ ବିଦ୍ୟାଳୟର ୧୯୮୭ ମସିହା ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରମାନଙ୍କ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ସହପାଠୀମାନେ ପାରଳାଖେମୁଣ୍ଡି ନିକଟସ୍ଥ ବନଦୁର୍ଗା ପ୍ରାଙ୍ଗଣରେ ଏକତ୍ରିତ ହୋଇଥିଲେ। ପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ଏବଂ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିଛବିରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ୧୯୮୭ ବ୍ୟାଚର ଡ଼ଃ ସୁରେନ୍ଦ୍ର ରଥ, ଜି ରାବଣା, କୈଳାଶ ଚନ୍ଦ୍ର ନାୟକ, ଅଶୋକ ବରାଡ଼ଙ୍କ ଅକାଳ ମୃତ୍ୟୁରେ ଶୋକ ପ୍ରକାଶ କରାଯାଇଥିଲା। ପାରଳାଖେମୁଣ୍ଡି ଏବଂ ବାହାରେ ଥିବା ବହୁ ପୁରାତନ ଛାତ୍ର ଏଥିରେ ଯୋଗଦାନ କରିଥିଲେ।

# ବ୍ଲକସ୍ତରୀୟ ନୂଆ ଓଡ଼ିଶା କ୍ରୀଡ଼ା ପ୍ରତିଯୋଗିତା

ଛତ୍ରପୁର, ୧୮।୧୨ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଛତ୍ରପୁର ବ୍ଲକସ୍ତରୀୟ ନୂଆ ଓଡିଶା କ୍ରୀଡା ପ୍ରତିଯୋଗିତା ସୋମବାର ଅନସ୍ଲୋ ଷ୍ଟାଡିୟମ ପରିସରରେ ଉଦଘାଟିତ ହୋଇଛି। ବ୍ଲକ ଓ ଏନ୍‌ଏସିର ମିଳିତ ଆୟୋଜନରେ ଅନୁଷ୍ଠିତ ଏହିପ୍ରତିଯୋଗିତାକୁଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଉଦଘାଟନ କରିଥିଲେ। ଛତ୍ରପୁର ବିଡ଼ିଓ ସୁଶାନ୍ତ କୁମାର ବରାଳ, ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଜି. ପାପା ରାଓ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ବିତ ସଂଗ୍ରାମଜିତ ସାହୁ ଉପସ୍ଥିତ ଥିଲେ। ନୋଡାଲ ଅଫିସର ଡାକ୍ତର ସେଠି ଏହାକୁ ସଂଯୋଜନା କରିଥିଲେ। ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଛତ୍ରପୁର ଷ୍ଟାଡିୟମ, ମିନି ଷ୍ଟାଡିୟମ, କାରମେଲ ଗ୍ରାଉଣ୍ଡ, ହକି ଷ୍ଟାଡିୟମ ଠାରେ କ୍ରିକେଟ, ହକି, ଫୁଟବଲ, କବାଡି ଓ ଖୋଖୋ ପ୍ରତିଯୋଗିତା ହେଉଛି।

**ଆସିକା (ସୁରେନ୍ଦ୍ର ନାଥ ସାହୁ):** ଆସିକା ବ୍ଲକର ଖାରିଆ, କାଳଷଣ୍ଢପୁର, ବାବନପୁର ଓ କେନ୍ଦୁପଦର ପଞ୍ଚାୟତରେ ୫ଦିନିଆ ବ୍ଲକସ୍ତରୀୟ କ୍ରୀଡା ମହୋତ୍ସବ ଆରମ୍ଭ ହୋଇଛି। ଆସିକା କଲେଜ ପଡିଆରେ ସୋମବାର ଏହି ଉତ୍ସବକୁ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଉଦଘାଟନ କରିଥିଲେ । ବିଡିଓ ଫକୀର ଚରଣ ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଲୋକନାଥ ବେଜ, ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବ୍ଲକ ଅଧକ୍ଷା ତ୍ରିବେଣୀ ନାହାକ, ଯୁବନେତା ଭଗବାନ ସାହୁ, ଶିବ ନାହାକ, ଉପାଧକ୍ଷା ରେସମା ଦୋରା, ଖାରିଆ ସରପଞ୍ଚ ଜୟନ୍ତୀ ସାହୁ, ସମିତିସଭ୍ୟ ସୌଦାମିନି ନାହାକ ପ୍ରମୁଖ ଯୋଗଦେଇଥିଲେ।

**ଧରାକୋଟ (ବିଷ୍ଣୁ କେଶରୀ ଆଚାର୍ଯ୍ୟ):** ଶ୍ରୀରାଜ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀରେ ବିଡିଓ ଡେନିସ ବେହେରା, ତହସିଲଦାର ଲମ୍ବୋଦର ମାରାଣ୍ଡି, ବିଇଓ ଲିଙ୍ଗରାଜ ସ୍ୱାଇଁ, ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ, ଡାକ୍ତର ସୁକାନ୍ତ ପାତ୍ର, ଅତିରିକ୍ତ ବିଡିଓ ସୁଶିଲ ପଟ୍ଟନାୟକ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ହୋତା, ପ୍ରଦୀପ କୁମାର ଶତପଥୀ, ଉମା ଚରଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଧରାକୋଟ ମିନି ଷ୍ଟାଡିୟମ, ମୁଣ୍ଡମରାଇ ଏଏନ ବିଦ୍ୟାପୀଠ, ଘୋଡାଦେଇ ହାଇସ୍କୁଲ, ଡାକିବଜା ଓ ମାଣିକପୁର ବୀଣା ଛାଟୋଇ ହାଇସ୍କୁଲରେ କ୍ରୀଡ଼ା ପ୍ରତିଯୋଗିତା ହେଉଛି ।

**ଦିଗପହଣ୍ଡି (ଅଶେଷ ନାଥ ମିଶ୍ର)**

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ମିନି ଷ୍ଟାଡିୟମରେ ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଡ଼ିଓ ଡ. ଚିତ୍ତରଞ୍ଜନ ଦାସ ଅଧକ୍ଷତା କରିଥିବା ବେଳେ ବ୍ଲକ ସହକାରୀ ଯନ୍ତ୍ରୀ ଇଂ .ରାଜୀବ ଚନ୍ଦ୍ର ପ୍ରଧାନ ସଂଯୋଜନା କରିଥିଲେ। ଦିଗପହଣ୍ଡି ତହସିଲଦାର ଅଶୋକ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡା ଉତ୍ସବକୁ ଉଦଘାଟନ କରିଥିଲେ। ଦିଗପହଣ୍ଡି ଥାନା ଆଇଆଇସି ଦିପ୍ତିରଞ୍ଜନ ବେହେରା, ଏବିଡିଓ ପ୍ରଶାନ୍ତ କୁମାର ରଥ, ବ୍ଲକ ଶିକ୍ଷାଧିକାରୀ କୋରେଶ ସେଠୀ, ଅଗ୍ନିଶମ ବିଭାଗ ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା, ଆଇନଜୀବି ହରପ୍ରସାଦ ରଥ, ପୂର୍ବତନ ସରପଞ୍ଚ ବି .କ୍ରିଷ୍ଣାରାଓ ସୁବୁଦ୍ଧି, ଜିପିଓ ଉମେଶ କୁମାର ସେଠୀ, ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟୁଲତା ମହାରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।



ଛତ୍ରପୁରରେ ଖେଳ ପ୍ରତିଯୋଗିତା ଉଦ୍‌ଘାଟନୀରେ ଉପସ୍ଥିତ ବିଧାୟକ ଓ ଖେଳାଳିମାନେ।

## ହୋଟେଲରୁ ଗ୍ୟାସ ସିଲିଣ୍ଡର ଜବତ

ଫୁଲବାଣୀ/ଦାରିଙ୍ଗବାଡି, ୧୮।୧୨ (ରାକେଶ କୁମାର ରାଉତ/ଅରୁଣ ସାହୁ)

କ.ନୂଆଗାଁ ବ୍ଲକ କାର୍ଯ୍ୟାଳୟ ପାଖରେ ଥିବା ଏକ ହୋଟେଲରେ ସୋମବାର ଯୋଗାଣ ବିଭାଗ ଚଢ଼ାଉ କରିଛି । ହୋଟେଲରୁ ଘରୋଇ ବ୍ୟବହାର ପାଇଁ ଉଦ୍ଦିଷ୍ଟ ୧୪ଟି ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି।ଏହି ସିଲିଣ୍ଡରରେ ୪ଟି ପୂର୍ଣ୍ଣ ଥିବା ବେଳେ ୧୦ଟି ଖାଲି ଥିଲା। ଏସବୁ ଗ୍ୟାସ ଇଣ୍ଡିଆନ ବୋଲି ଜିଲା ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି। ଉକ୍ତ ଅଞ୍ଚଳର ଅତି ପୁରାତନ ଏକ ହୋଟେଲରେ ଦୀର୍ଘ ଦିନ ହେଲା ଘରୋଇ ରନ୍ଧନ ଗ୍ୟାସ ବ୍ୟବହାର କରାଯାଉଥିବା କୌଣସି ସୂତ୍ରରୁ ଖବର ପାଇ କନ୍ଧମାଳ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଜୟନ୍ଦ୍ରୀୟ ମିଶ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ଯୋଗାଣ ଅଧିକାରୀ ମଳୟ କୁମାର ମେହେର, ଦାରିଙ୍ଗବାଡି ଯୋଗାଣ ନିରୀକ୍ଷକ ନିହାର ରଞ୍ଜନ ବେହେରା, କିରଣ କୁମାର ବେହେରା ପ୍ରମୁଖ ଏକ ଟିମ ଗଠନ କରି ସଦଳବଳ ଚଢ଼ାଉ କରିଥିଲେ।

## ରୋଗୀ କଲ୍ୟାଣ ସମିତି ବୈଠକ




ବୈଠକରେ ଉପସ୍ଥିତ ଉପବାଚସ୍ପତିଙ୍କ ସମେତ ସମିତି ସଦସ୍ୟ ବୃନ୍ଦ ।

ଜି.ଉଦୟଗିରି, ୧୮।୧୨ (ଶିଶିର ପଟ୍ଟନାୟକ)

ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସଭାଗୃହରେ ରୋଗୀ କଲ୍ୟାଣ ସମିତିର ବାର୍ଷିକ ବୈଠକ ବିପିଏଚଓ ରତିକାନ୍ତ ସାହୁଙ୍କ ଅଧକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବିଧାୟକ ତଥା ଉପ ବାଚସ୍ପତି ସାଲୁଗା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏସଟିଏଫ ଅଶୋକ କୁମାର ବେହେରା ଅତିଥିଙ୍କୁ ସ୍ୱାଗତ କରିଥିଲେ। ଏନଏସି ଅଧକ୍ଷା ଦେବସ୍ମିତା ଶତପଥୀ, ବ୍ଲକ ଅଧକ୍ଷା ସୁଷମା ପ୍ରଧାନ ମଞ୍ଚାସୀନ ଥିଲେ। ବୈଠକରେ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଗ୍ରେସିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ବଜେଟ ଉପସ୍ଥାପନ କରାଯାଇ ପାରିତ କରାଯାଇଥିଲା। ଏହା ସହିତ ସ୍ୱାସ୍ଥ୍ୟକେନ୍ଦ୍ର ୨ଟିରେ ଥିବା ବିଭିନ୍ନ ସମସ୍ୟା ସମାଧାନ ପାଇଁ ଆଲୋଚନା ହୋଇଥିଲା। ବୈଠକରେ ବିପିଏମ ରାଜକିଶୋର ସାହୁ, କମିଟି ସଭ୍ୟ ଚିନ୍ମୟ କୁମାର ସେଠୀ, ମହମ୍ମଦ ନୁର, ଉଦୟନାଥ ନାୟକ, ଜିତେନ୍ଦ୍ର ପ୍ରଧାନ, ଆରଡବ୍ଲୁଏସଏସ ସହକାରୀ ଯନ୍ତ୍ରୀ ନରେଶ ଚନ୍ଦ୍ର ପ୍ରଧାନଙ୍କ ସମେତ ହସ୍ପିଟାଲ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ଶର୍ଟସର୍କିଟରୁ ବାଇକ୍ ଜଳିଗଲା

ଚିକିଟି,(ପ୍ରକାଶ ଚନ୍ଦ୍ର ସାହୁ): କେ. ନୂଆଗାଁ ଥାନା ଚିକିଟି ଫାଣ୍ଡି ଅନ୍ତର୍ଗତ ମୈସାନପୁର ଛକ ନିକଟରେ ସୋମବାର ଶର୍ଟସର୍କିଟରୁ ଗୋଟିଏ ବାଇକ୍ ଜଳିଯାଇଛି। ଗଜପତି ଜିଲା ରାମଗିରି ଗୌଡ଼ସାହିର ଏ ରାବଣ ରାଓ ଆଚାରୀ ଓ ହରିଶ୍ଚନ୍ଦ୍ର ଗୌଡ଼ ଉଭୟ ବାଇକ ଯୋଗେ ପାତ୍ରପୁର ଦେଇ ବ୍ରହ୍ମପୁର ଆସିଥିଲେ। ସନ୍ଧ୍ୟାରେ ବ୍ରହ୍ମପୁରରୁ କେଲୁଆଛକ ଦେଇ ନିଜ ଗ୍ରାମକୁ ଫେରୁଥିବା ବେଳେ ମୈସାନପୁର ଛକ ନିକଟରେ ରଖି ବାହାରକୁ ଯାଇଥିବା ସମୟରେ ହଠାତ ଶର୍ଟସର୍କିଟ ହୋଇ ବାଇକ୍ ଜାଳିଯାଇଥିଲା। ଚିକିଟି ଫାଣ୍ଡି ଅଧିକାରୀ ପହଞ୍ଚି ପୁଡା ଗାଡିକୁ ଜବତ କରିଛନ୍ତି।

**ସଂକ୍ଷେପରେ**

## କୂଅ, ନାଳରୁ ୨ ମୃତଦେହ ଜବତ

ବ୍ରହ୍ମପୁର,୧୮।୧୨(ସୁବାସ ଚନ୍ଦ୍ର ପାଢ଼ୀ): ବ୍ରହ୍ମପୁରର ଦୁଇଟି ଥାନା ଅଞ୍ଚଳରୁ ପୋଲିସ ଜଣେ ମହିଳା ଓ ଜଣେ ଯୁବକଙ୍କ ମୃତଦେହ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଜବତ କରିଛି। ମହିଳା ଜଣଙ୍କ କୂଅକୁ ଡେଇଁ ଆତ୍ମହତ୍ୟା କରିଥିବା ବେଳେ ଯୁବକ ଜଣଙ୍କ ନିଶାସକ୍ତ ଅବସ୍ଥାରେ ଏକ ନାଳରେ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ସନ୍ଦେହ କରୁଛି। ଏ ସଂକ୍ରାନ୍ତରେ ଦୁଇ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ରବିବାର ରାତିରେ ବଡବଜାର ଥାନା ଗଙ୍ଗାଧରେଶ୍ୱର ନଗରରେ ରହୁଥିବା ଶିବରାମ ସାହୁ ତାଙ୍କ ପୁଅକୁ ଟିୟଶନରୁ ଆଣ ଆସିବା ପରେ ଘରେ ସ୍ତ୍ରୀ' ସସ୍ମିତା ସାହୁ ନ ଥିବା ଦେଖି ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ଘର କୂଅ ଉପର ଗ୍ରୀଲ ଖୋଲାଥିବାରୁ ତାଙ୍କର ସନ୍ଦେହ ହୋଇଥିଲା। ତେଣୁ ସେ ପୋଲିସକୁ ଜଣାଇଥିଲେ। ପୋଲିସ ଓ ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚିଥିଲେ। ଅଗ୍ନିଶମ କର୍ମଚାରୀ କୂଅ ଭିତରକୁ ଯାଇ ସସ୍ମିତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ସୋମବାର ମୃତଦେହ ଜବତ କରିଥିଲା। ସେହିପରି ସୋମବାର ସକାଳେ ବୈଦ୍ୟନାଥପୁର ଥାନା ଲାଞ୍ଜିପଲି ଜାତୀୟ ରାଜପଥ କଡ଼ରେ ଥିବା ଏକ ନାଳରେ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ପୋଲିସ ଖବର ପାଇଥିଲା। ବ୍ରହ୍ମପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ପାଣିରୁ ମୃତଦେହ ବାହର କରିଥିଲେ। ମୃତକଙ୍କ ପକେଟରୁ ମିଳିଥିବା ଆଧାର କାର୍ଡରୁ ସେ ସଦର ଥାନା ଅନ୍ତର୍ଗତ ଗୋକର୍ଣ୍ଣପୁରର ଦେବରାଜ ମହାରଣାଙ୍କ ପୁଅ ଟୁନା ମହାରଣା(୪୦) ବୋଲି ଜଣାପଡିଛି। ଟୁନା ଲାଞ୍ଜିପଲ୍ଲୀ ଅଞ୍ଚଳରେ ଘର ଭଡ଼ା ନେଇ ଅନ୍ୟ କେତେଜଣ ଯୁବକଙ୍କ ସହ ରହି କାଠ କାମ କରୁଥିଲେ। ନିଶାସକ୍ତ ଅବସ୍ଥାରେ ସେ କଲଭର୍ଟ ଭିତରେ ପଡି ଯିବାରୁ ମୃତ୍ୟୁ ଘଟିଥିବା ପୋଲିସ ସନ୍ଦେହ କରୁଛି। ମୃତଦେହ ଜବତ ପରେ ବ୍ୟବଛେଦ ପାଇଁ ଏମକେସିଜି ମେଡିକାଲକୁ ପଠାଯାଇଛି।

## ଛୁରାମାଡ଼ରେ ୩ ଗୁରୁତର, ଜଣେ ଗିରଫ

**ନାଚ ଦେଖିବା ବେଳେ ଗୋଷ୍ଠୀ ସଂଘର୍ଷ**

ପୁରୁଷୋତ୍ତମପୁର,୧୮।୧୨(ସୀମାଞ୍ଚଳ ମିଶ୍ର) ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ପିଛୁଲି ଗ୍ରାମରେ ନାଚ ଦେଖିବା ବେଳେ ଦୁଇ ଗୋଷ୍ଠୀ ସଂଘର୍ଷରେ ଛୁରାମାଡ ହୋଇଛି। ଏଥିରେ ବୁର୍ଦ୍ଧୁଲୁ ଗ୍ରାମର ୩ ଯୁବକ ତପନ ଦାସ, ଶିବ ଦାସ ଓ ସୁଦାମ ଦାସ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଶିବ ଓ ସୁଦାମଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇ ଦିଆଯାଇଛି। ଶିବଙ୍କ ବାପା ପାଣ ଦାସ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରୁ ଜଣେ ଯୁବକଙ୍କୁ ଆଣି ଅଟକ ରଖିଥିଲା। ତଦନ୍ତ ପରେ ତାଙ୍କୁ ଗିରଫ କରାଯାଇଛି। ସେ ହେଲେ ମିଥୁନ ଦାସ। ଏ ନେଇ ୮୩/୨୩ରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି। ପିଛୁଲି ଗ୍ରାମରେ କୋଠିଶାଳ କୁମ୍ଭବୁଡା ଯାତ୍ରା ଦେଖିବାକୁ ବୁର୍ଦ୍ଧୁଲୁ ଗ୍ରାମର ଯୁବକମାନେ ଆସିଥିଲେ। ନାଚ ଦେଖିବା ବେଳେ କୌଣସି କଥାକୁ ନେଇ ସେମାନଙ୍କର ପିଛୁଲି ଗ୍ରାମର କେତେଜଣଙ୍କ ସହ ଯୁକ୍ତିତର୍କରୁ ଗୋଷ୍ଠୀ ସଂଘର୍ଷ ହୋଇଥିଲା।

## କାଜୁ ଚୋରି କରି ୨ ଗିରଫ

ପାରଳାଖେମୁଣ୍ଡି,୧୮।୧୨(ଗିରିଧାରୀ ପରିଛା): ଗୋଷାଣୀ ବ୍ଲକ ଗାରବନ୍ଧ ଥାନା ପୋଲିସ କାଜୁ ଚୋରି କରିବା ଅଭିଯୋଗରେ ସୋମାବାର ୨ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନୂଆଗଡ ବ୍ଲକର ପରିମଳର ଦୁଇ ଭାଇ ଅକୁ ପାଇକ ଓ ବିଜୁ ପାଇକ। ଗାରବନ୍ଧ ଗ୍ରାମଠାରେ ଥିବା ଏସ୍.ଶ୍ୟାମସୁନ୍ଦରଙ୍କ କାଜୁ ଫେକ୍ଟ୍ରିରେ ଚୋପା ଛଡା ନଯାଇଥିବା କାଜୁ ଚୋରି ହୋଇଥିବାର ମାଲିକ ଜାଣି ଗାରବନ୍ଧ ଥାନାରେ ଅଭିଯୋଗ କରିଥିଲେ। ଗାରବନ୍ଧ ଥାନା ଅଧିକାରିଣୀ ରିନାରାଣୀ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପୋଲିସ ଟିମ୍ ଏହି ମାମଲାର ତଦନ୍ତ କରିଥିଲେ। ତଦନ୍ତ ବେଳେ ନୂଆଗଡ ବ୍ଲକର ପରିମଳର ଦୁଇ ଭାଇ ଚୋରି କରିଥିବା ଜଣାପଡ଼ିଥିଲା। ଏହି ଚୋରି କାଜୁ ଗୁଡିକୁ ସେମାନେ ପାରଳାଖେମୁଣ୍ଡି ସହରର ନୂଆବସ ଷ୍ଟାଣ୍ଡ ଅଞ୍ଚଳର ଡି. ପ୍ରସାଦ ନାମକ ଜଣେ ବ୍ୟବସାୟୀଙ୍କୁ ବିକ୍ରି କରିଥିଲେ। ଗାରବନ୍ଧ ଥାନା ଅଧିକାରିଣୀଙ୍କ ସମେତ ପୋଲିସ ଟିମ୍ ପାରଳା ସହରର ଉଲ୍ଲେଖିତ ବ୍ୟବସାୟୀଙ୍କଠାରୁ ଚୋରି ହୋଇଥିବା ସମସ୍ତ କାଜୁକୁ ଜବତ କରିଛି। ଏ ନେଇ ଗାରବନ୍ଧ ଥାନାରେ ନଂ.୯୩/୨୩ରେ ଏକ ମାମଲା ରୁଜୁ କରାଯାଇଛି। ଏହି ଚୋରି କାଜୁକୁ କିଣିଥିବା ବ୍ୟବସାୟୀଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି।

# ଗଞ୍ଜାମ କପାଚାଷୀ ରାୟଗଡ଼ା ଉପରେ ନିର୍ଭରଶୀଳ

ବ୍ରହ୍ମପୁର,୧୮।୧୨
(ସ୍ମୃତି ରଞ୍ଜନ ମହାଲିକ)



ଚଳିତବର୍ଷ ଗଞ୍ଜାମ ଜିଲାରେ କପା ଉତ୍ପାଦନ ଅଧିକ ରହିଛି। ଜିଲାରେ ବିଶେଷକରି ସାନଖେମୁଣ୍ଡି, ସୋରଡା, ଶେରଗଡ, ଜଗନ୍ନାଥପ୍ରସାଦ ଓ ପାତ୍ରପୁର ବ୍ଲକରେ ଅଧିକ କପା ଚାଷ ହୁଏ। ଜମିରେ ବିହନ ବୁଣା ହେବାର ୪ରୁ ୫ ଦିନ ମଧ୍ୟରେ ଗଜା ହେବା, ଏହାପରେ ଗଛ ବଢି କପା ଫୁଟିବା ପାଇଁ ୬ରୁ ୭ମାସ ଲାଗିଥାଏ। ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ମୁତାବକ, ଗତ ଖରିଫରେ ଜିଲାରେ ୩୨୩୦ ହେକ୍ଟର କପା ଚାଷ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ୨୩୯୪ ହେକ୍ଟର କପା ଚାଷ ହୋଇଛି। ଏଥିମଧ୍ୟରୁ ସାନଖେମୁଣ୍ଡିରେ ୫୫୪ ହେକ୍ଟର, ଶେରଗଡରେ ୪୧୦ ହେକ୍ଟର, ସୋରଡାରେ ୨୯୩ ହେକ୍ଟର, ଦିଗପହଣ୍ଡି ୨୬୮ ହେକ୍ଟର, ପାତ୍ରପୁର ୫୦୬ ହେକ୍ଟର, ଧରାକୋଟ ୨୦ ହେକ୍ଟର, ଆସିକା ୩୮ ହେକ୍ଟର, ବେଲଗୁଣ୍ଠା ୫ ହେକ୍ଟର, ପୁରୁଷୋତ୍ତମପୁର ୪୮ ହେକ୍ଟର, ଗଞ୍ଜାମ ୧୦ ହେକ୍ଟର, କୁକୁଡାଖଣ୍ଡି ୩୪ ହେକ୍ଟର, ଖଲିକୋଟ ୪୦ ହେକ୍ଟର, ଜଗନ୍ନାଥ ପ୍ରସାଦ ୧୧୮ ହେକ୍ଟର ଓ ଭଞ୍ଜନଗରରେ ୨୫ ହେକ୍ଟର କପା ଚାଷ ହୋଇଛି। ଚଳିତ ମାସ ସୁଦ୍ଧା ଜିଲାରେ ୮୦% କପା ତୋଳାଯାଇଛି।

ଗତବର୍ଷ ୮୦୧୦ ହେକ୍ଟର କପା ଚାଷ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ୩୦୧୭ ହେକ୍ଟର କପା ଚାଷ ହୋଇଥିଲା। ତେବେ ଜିଲାରେ କୃଷି ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା ବିହନରେ କମ ପରିମାଣର କପା ଉତ୍ପାଦନ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଚାଷୀଙ୍କ କହିବାନୁଯାୟୀ, ବିଭାଗ ପକ୍ଷରୁ ମିଳୁଥିବା ବିହନରେ ଗଛ ବଢିବା ପରେ ଘାସ ମରା ଔଷଧ ପକାଇଲେ ଗଛ ମରିଯାଉଛି। ସେହିପରି ବିହନ ମଧ୍ୟ ଉନ୍ନତ ମାନର ମିଳୁ ନ ଥିବାରୁ ଚାଷୀ ରାୟଗଡା ଜିଲାର ବିହନ ଉପରେ ନିର୍ଭର କରୁଛନ୍ତି। ରାୟଗଡ଼ା ଜିଲାରେ ମିଳୁଥିବା ବିହନରୁ ଗଛ ଭଲ ବଢିବା ସାଙ୍ଗକୁ କପା ମଧ୍ୟ ଉନ୍ନତ କିସମର ହେଉଛି। ଘାସ ମରା ଔଷଧ ପକାଗଲେ ମଧ୍ୟ ଗଛ ମରୁ ନ ଥିବା ଚାଷୀମାନେ କହିଛନ୍ତି। ରାୟଗଡା ଜିଲାରେ ମିଳୁଥିବା କପା ବିହନକୁ ଅଧିକ ପରିମାଣରେ ବ୍ୟବହୃତ କରାଯାଉଥିବା ଚାଷୀ ଦିବାକର ଗୌଡ କହିଛନ୍ତି। ଏ ନେଇ ସହକାରୀ ଜିଲା କୃଷି ଅଧିକାରୀ ପ୍ରଣତୀ ପଣ୍ଡା କହିଛନ୍ତି ଯେ, ବିଭାଗ ପକ୍ଷରୁ ବିହନ ପ୍ରଦାନ କରାଯାଉ ନାହିଁ। ଦିଗପହଣ୍ଡିଠାରେ ଏକ ଘରୋଇ ସଂସ୍ଥା ଚାଷୀଙ୍କୁ ବିହନ ପ୍ରଦାନ କରୁଛନ୍ତି। ଏଥିନିମନ୍ତେ ଚାଷୀଙ୍କୁ କେବଳ ଇନ୍‌ସେଟିଭ ପ୍ରଦାନ କରାଯାଉଥିବା ସେ କହିଛନ୍ତି। ତେବେ ବିଭାଗ ପକ୍ଷରୁ ଚଳିତ ଥର କପା ମଣ୍ଡି ନିମନ୍ତେ ଭିନ୍ନ ଭିନ୍ନ ଦେୟ ଧାର୍ଯ୍ୟ କରାଯାଇଛି। ଏଥିମଧ୍ୟରୁ ଅଧିକ ଲମ୍ବ ବିଶିଷ୍ଟ କପା ନିମନ୍ତେ କୁଇଣ୍ଟାଲ ପିଛା ୭୦୨୨ ଟଙ୍କା ଓ ମଧ୍ୟମ ଧରଣର ଲମ୍ବ ବିଶିଷ୍ଟ କପା ପାଇଁ କୁଇଣ୍ଟାଲ ପିଛା ୬୬୨୦ଟଙ୍କା ଧାର୍ଯ୍ୟ କରାଯାଇଛି। ଜିଲାରେ କପା ଅମଳ ପରେ ମଣ୍ଡି ବିକ୍ରି ନିମନ୍ତେ ଦିଗପହଣ୍ଡିଠାରେ ନିୟନ୍ତ୍ରିତ ବଜାର ପରିଷଦ ରହିଛି। ସେଠାରେ ଚାଷୀ କପାକୁ ବିକ୍ରି କରି ନିଜର ପ୍ରାପ୍ୟ ପାଇଥାନ୍ତି। ଏହି କପାକୁ କଟନ କର୍ପୋରେସନ ଅଫ ଇଣ୍ଡିଆ କ୍ରୟ କରିଥାଏ ବୋଲି ଜିଲା କୃଷି ଅଧିକାରୀ ସୁବ୍ରତ କୁମାର ସାହୁ କହିଛନ୍ତି। ଏଥିସହ ସେଠାରେ ଗିନିଂ ମିଲ ରହିଛି। ଯାହା ଦ୍ୱାରା କପାକୁ ଏକାଠି କରାଯାଇ ସୂତା ପ୍ରସ୍ତୁତି କରାଯାଇଥାଏ ବୋଲି କହିଛନ୍ତି। ଅନ୍ୟପଟେ ଜିଲାରେ କପା ଉତ୍ପାଦନ ବୃଦ୍ଧି ପାଉଥିବା କାରଣରୁ ଏହାର ବ୍ୟବସାୟ ବୃଦ୍ଧି ସହ ବିହନର ଗୁଣାତ୍ମକ ପରୀକ୍ଷା ପାଇଁ ଚାଷୀମାନେ ଦାବି କରିଛନ୍ତି।

**ନକଲି ପ୍ରମାଣପତ୍ରରେ ଚାକିରି ଆବେଦନ**

## ଅଭିଯୁକ୍ତଙ୍କୁ ଗିରଫ କଲା ଭିଜିଲାନ୍ସ

ବ୍ରହ୍ମପୁର, ୧୮।୧୨(ସୁବାସ ଚନ୍ଦ୍ର ପାଢ଼ୀ) ସରକାରୀ ଚାକିରି ପାଇଁ ଜାଲ ସାର୍ଟିଫିକେଟ ଦେବା ଅଭିଯୋଗରେ ବ୍ରହ୍ମପୁର ଭିଜିଲାନ୍ସ ଟିମ ଜଣଙ୍କୁ ଧରିଛି। ଦୀର୍ଘ ୨୫ବର୍ଷ ପରେ ଏନବିଡବ୍ଲ୍ୟୁ ବଳରେ ପୋଲସରା ଅଞ୍ଚଳରୁ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରାଯାଇଛି। ସେ ହେଲେ ପୋଲସରା ଥାନା କଣଛାଇ ନିକଟସ୍ଥ ଗରେଇଖୋଳି ଗ୍ରାମର ଭିକାରୀ ଚରଣ ପ୍ରଧାନ(୫୧)। ଗତ ୧୯୯୭ରେ ଜୟପୁରରେ ଏକ ପୋଲିସ ନିଯୁକ୍ତି ପ୍ରକ୍ରିୟା ଚାଲିଥିଲା। ଏହି ନିଯୁକ୍ତି ପ୍ରକ୍ରିୟାରେ ଭିକାରୀ ସାମିଲ ଥିଲେ। ନିଯୁକ୍ତି ସମୟରେ ସେ ଜାଲ ସାର୍ଟିଫିକେଟ ଦାଖଲ କରିଥିବା ଯାଞ୍ଚ ପରେ ଜଣାପଡ଼ିଥିଲା। ଏ ନେଇ ବ୍ରହ୍ମପୁର ଭିଜିଲାନ୍ସ ବିଭାଗରେ ମାମଲା ରୁଜୁ ହୋଇଥିଲା। ଘଟଣା ପରଠାରୁ ସେ ଫେରାର୍ ଥିବା ବେଳେ ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଜିଆର୍ କେସ ନଂ.୫/୯୭ରେ ଭିକାରୀଙ୍କ ନାମରେ ୱାରେଣ୍ଟ ଜାରି ହୋଇଥିଲା। ଅଭିଯୁକ୍ତଙ୍କ ଘର ଗଞ୍ଜାମ ଜିଲା ହୋଇଥିବାରୁ ବ୍ରହ୍ମପୁର ଭିଜିଲାନ୍ସ ଟିମ ପୋଲସରା ଅଞ୍ଚଳରେ ଚଢ଼ଉ କରିଥିଲା। ଭିକାରୀଙ୍କୁ ଜୟପୁର ଭିଜିଲାନ୍ସଟିମ୍‌କୁ ହସ୍ତାନ୍ତର କରିଛି। ଚଢ଼ାଉରେ ଏଏସଆଇ ଡି.ପି ହୋତାଙ୍କ ସମେତ ସୁରେଶ କୁମାର ସେଠୀ, ନୃସିଂହ ପ୍ରସାଦ ହୋତା, ସୁଦର୍ଶନ ଦୋରା ସାମିଲ ଥିଲେ।

# ଛାତ୍ରୀଙ୍କୁ ଅସଦାଚରଣ: ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ

ବ୍ରହ୍ମପୁର, ୧୮।୧୨
(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ଛାତ୍ରୀଙ୍କୁ ଅସଦାଚରଣ ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ସ୍ୱତନ୍ତ୍ର ପୋକସୋ ଜଜ୍ ପ୍ରଭାତ କୁମାର ରାଜଗୁରୁ ଉକ୍ତ ମାମଲାର ବିଚାର କରି ଦିଗପହଣ୍ଡି ଥାନା ବନ୍ଧପଲୀ ଗ୍ରାମର ମୁନା ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୩ ବର୍ଷ ଜେଲ ଦଣ୍ଡ ସହ ୫୨ ହଜାର ଜରିମାନା ଦେବାକୁ ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ଏକ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ପିଡ଼ିତାଙ୍କୁ ୫ହଜାର ଟଙ୍କା ଆର୍ଥିକ ସହାୟତା ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜନୈକା ୮ମ ଶ୍ରେଣୀର ଛାତ୍ରୀ ଗତ ଜାନୁଆରୀ ୬ ତାରିଖରେ ସ୍କୁଲରୁ ଘରକୁ ଫେରିବା ବେଳେ ଜଣେ ଯୁବକ ତାଙ୍କୁ ରାସ୍ତାରେ ଅସଦାଚାରଣ କରିଥିଲେ। ପ୍ରତିବାଦ କରିବାରୁ ଧମକଚମକ ଦେଇଥିଲେ। ଛାତ୍ରୀ ଜଣଙ୍କ ସାଙ୍ଗ ସହ ଘରକୁ ଚାଲିଯାଇଥିଲେ। ହେଲେ ଉକ୍ତ ମାସ ୧୮ ତାରିଖରେ ଛାତ୍ରୀ ଜଣଙ୍କ ସ୍କୁଲରୁ ସାଙ୍ଗମାନଙ୍କ ସହ ଫେରୁଥିବା ବେଳେ ଯୁବକ ଜଣଙ୍କ ପୁଣିଥରେ ତାଙ୍କୁ ଡାଇମଣ୍ଡ ଟ୍ୟାଙ୍କ ରୋଡ ନିକଟ ସାଇବାବା ମନ୍ଦିର ରାସ୍ତାରେ ଅଟକାଇଥିଲେ। ଛାତ୍ରୀଙ୍କ ଶରୀରର ବିଭିନ୍ନ ଆପତ୍ତିଜନକ ଅଙ୍ଗରେ ବଳପୂର୍ବକ ହାତ ମାରି ସର୍ବସାଧାରଣରେ ଅସଦାଚାରଣ କରିଥିଲେ। ବିଚ ରାସ୍ତାରେ ଛାତ୍ରୀଙ୍କ ମର୍ଯ୍ୟାଦାହାନୀ ହୋଇଥିଲା। ସେ ଏନେଇ ତାଙ୍କ ବାପାଙ୍କୁ ଜଣାଇଥିଲେ। ପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୭୨/୨୩ରେ ମୁନାଙ୍କୁ ୯ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତ ଜଣଙ୍କ ଏବେସୁଦ୍ଧା ବ୍ରହ୍ମପୁର ମଣ୍ଡଳକାରାଗାରରେ ବିଚାରାଧୀନ ବନ୍ଦୀ ଅଛନ୍ତି। ମାମଲାର ବିଚାରଣା ବେଳେ ୩ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ଜେଲରେ ଥିବା ମୁନା ସାହୁଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆରଡିସିଙ୍କୁ ଦାବିପତ୍ର




ସଂଘ ପକ୍ଷରୁ ଆରଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବ୍ରହ୍ମପୁର,୧୮।୧୨
(ସ୍ମୃତି ରଞ୍ଜନ ମହାଲିକ)

ଅବସରପ୍ରାପ୍ତ କର୍ମଚାରୀ ସଂଘ ଗଞ୍ଜାମ ଜିଲା ଶାଖା ସୋମବାର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆରଡିସି)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛି। ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଆରଡିସିଙ୍କୁ ପ୍ରଦାନ କରାଯାଇଛି। ସମସ୍ତ ପେନସନର୍ସଙ୍କୁ ଚିକିତ୍ସା ଭତ୍ତା ଓ ଚିକିତ୍ସା ସୁବିଧା, ପେନସନ ନିର୍ଦ୍ଧାରଣରେ ହୋଇଥିବା ତ୍ରୁଟି ସଂଶୋଧନ, ୮୦ ବର୍ଷ ବଦଳରେ ୬୫ବର୍ଷରୁ ଅତିରିକ୍ତ ପେନସନ, କେନ୍ଦ୍ର ଅନୁରୂପ କ୍ୱାଲିଫାଇଙ୍ଗ ସର୍ଭିସ ୨୦ବର୍ଷ, ପିଜିପିଏ ବିଭାଗକୁ ପୁନଃ ଅବସ୍ଥାପିତ, କମ୍ୟୁଟେଶନ ଦେୟର ଅବଧି ୧୫ ବଦଳରେ ୧୨ ବର୍ଷକୁ ହ୍ରାସ, କରୋନା ସମୟରେ ବନ୍ଦ ରଖାଯାଇଥିବା ୧୮ ମାସର ମହଙ୍ଗା ଭତ୍ତା ପ୍ରଦାନ, ରେଳ ଯାତ୍ରାରେ ପୂର୍ବରୁ ମିଳୁଥିବା ଆର୍ଥିକ ରିହାତିକୁ ପୁନଃ ପ୍ରଚଳନ ଆଦି ୯ ଦଫା ଦାବି ଏଥିରେ ଉଲ୍ଲେଖ ରହିଛି। ଦାବି ପତ୍ର ପ୍ରଦାନ ସମୟରେ ସଂଘର ସଭାପତି ଡି ମୋହନ ରାଓ, ପୂର୍ବତନ ସଭାପତି କେ ନନ୍ଦେଷୁ ସେନାପତି, ସଂପାଦକ ନୀଳାଞ୍ଚଳ ମିଶ୍ର, କୋଷାଧ୍ୟକ୍ଷ ନିରାକାର ସାବତ, ଡି ଗୁରୁମୂର୍ତ୍ତି ପାତ୍ର, କେଶବ ଚନ୍ଦ୍ର ଗୌଡଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଅଗ୍ନିଶମ କର୍ମଚାରୀଙ୍କ କଳାବ୍ୟାଜ ପିନ୍ଧି ନିରବ ପ୍ରତିବାଦ



କର୍ମଚାରୀମାନେ ନିରବ ପ୍ରତିବାଦ କରୁଛନ୍ତି।

ବ୍ରହ୍ମପୁର, ୧୮।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଦକ୍ଷିଣାଞ୍ଚଳ ଅଗ୍ନିଶମ ସେବା ସଂସ୍ଥାରେ କାର୍ଯ୍ୟରତ ପ୍ରାୟ ୨୫୦୦ କର୍ମଚାରୀ କଳାବ୍ୟାଜ ପରିଧାନ କରି ନିରବ ପ୍ରତିବାଦ ଆରମ୍ଭ କରିଛନ୍ତି। ଦୀର୍ଘବର୍ଷ ହେବ ଅଗ୍ନିଶମ ସେବା ସଂସ୍ଥାର ଆଗ୍ନିକ, ମୁଖ୍ୟ ଆଗ୍ନିକ ଓ ଆଗ୍ନିକ ଗାଡ଼ି ଚାଳକ ନିରବଚ୍ଛିନ୍ନ ଭାବେ ପ୍ରତିକୂଳ ପରିସ୍ଥିତିରେ ଅଗ୍ନି ନିର୍ବାପନ କରିବା ସହ ରାଜ୍ୟ ଓ ରାଜ୍ୟ ବାହାରେ ବିଭିନ୍ନ ଉଦ୍ଧାର କାର୍ଯ୍ୟରେ ନିୟୋଜନ ହେଉଛନ୍ତି। ବନ୍ୟା ବାତ୍ୟା, ସଡକ ଓ ରେଳ ଦୁର୍ଘଟଣାରେ ଉଦ୍ଧାର କାର୍ଯ୍ୟ କରି ଆସୁଛନ୍ତି। ଓଡିଶା ପୋଲିସ କର୍ମଚାରୀଙ୍କ ସହିତ ସମାନ ପାହ୍ୟା, ସମାନ ଦରମା, ସମାନ ଭତ୍ତା ପ୍ରଦାନ ସହ କର୍ମଚାରୀ ସଂଘର ସରକାରୀ ପଞ୍ଜିକରଣ ପାଇଁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଜାରି ରହିବ ବୋଲି କୁହାଯାଇଛି। ବ୍ରହ୍ମପୁରରେ ଦକ୍ଷିଣାଞ୍ଚଳ ଅଗ୍ନିଶମ ବିଭାଗ ଅଧୀନରେ ଥିବା ବ୍ରହ୍ମପୁର, ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡା, କୋରାପୁଟ, ନବରଙ୍ଗପୁର, ମାଲକାନଗିରି ଓ କଳାହାଣ୍ଡି ଡିଭିଜନରେ କାର୍ଯ୍ୟରତ କର୍ମଚାରୀ କଳାବ୍ୟାଜ ପରିଧାନ କରି ସରକାରୀ କାର୍ଯ୍ୟ କରୁଛନ୍ତି। ଏସମ୍ପର୍କରେ ଅଗ୍ନିଶମ କର୍ମଚାରୀମାନେ ସାମୂହିକ ଭାବେ ପୂର୍ବରୁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅଗ୍ନିଶମ ମହାନିର୍ଦ୍ଦେଶକ, ଅର୍ଥ ବିଭାଗର ଅତିରିକ୍ତ ଶାସନ ସଚିବଙ୍କୁ ଲିଖିତ ଭାବେ ଦାବିପତ୍ର ପ୍ରଦାନ କରିଥିଲେ। କୌଣସି ସୁଫଳ ନମିଳିବାରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି।

## ଦରଦାମ ନିୟନ୍ତ୍ରଣରେ କେନ୍ଦ୍ର ସରକାର ବିଫଳ

**କଂଗ୍ରେସ ଅନୁସୂଚିତ ଜାତି ବୈଠକରେ ଅଭିଯୋଗ**

ବ୍ରହ୍ମପୁର,୧୮।୧୨(ନରସିଂହ ସାହୁ)

ଭାଜପା ନେତୃତ୍ୱାଧିନ କେନ୍ଦ୍ର ଏନଡିଏ ସରକାର ଶାସନରେ ବିଭିନ୍ନ ସାମଗ୍ରୀର ଦରଦାମ ବଢ଼ି ଚାଲିଛି। କେବଳ ସେତିକି ନୁହେଁ ଗରିବଙ୍କୁ ଶୋଷଣ କରାଯାଇ ବଡ଼ ବଡ଼ ପୁଞ୍ଜିପତି ଓ କର୍ପୋରେଟ ସେକ୍ଟରର ସମ୍ପତ୍ତି ବୃଦ୍ଧି କରାଯିବା ମୋଦୀ ସରକାରଙ୍କ ମୂଳମନ୍ତ୍ର ହୋଇଛି। ବ୍ରହ୍ମପୁର ନଗର କଂଗ୍ରେସ ଅନୁସୂଚିତ ଜାତି ବିଭାଗର ବୈଠକରେ ଏହି ଅଭିଯୋଗ କରାଯାଇଛି। ଏହି ସରକାରକୁ ଆଗାମୀ ନିର୍ବାଚନରେ ହଟାଇବାକୁ ଆହ୍ୱାନ ଦିଆଯାଇଛି।

ବ୍ରହ୍ମପୁରସ୍ଥ ଗଞ୍ଜାମ ଜିଲା କଂଗ୍ରେସ କାର୍ଯ୍ୟାଳୟ ବାପୁଜୀ ଆଶ୍ରମରେ ହୋଇଥିବା ବୈଠକରେ ରାଜ୍ୟ ସରକାରଙ୍କୁ ମଧ୍ୟ ସମାଲୋଚନା କରାଯାଇଛି। ଉଭୟ ସରକାରଙ୍କୁ ଠିକଣା ଜବାବ ଦେବାକୁ ଗଣତନ୍ତ୍ର ପ୍ରେମୀ ସଚେତନ ଲୋକଙ୍କୁ ନିବେଦନ କରାଯାଇଛି। ବୈଠକରେ ଅନୁସୂଚିତ ଜାତି ବିଭାଗ ମହାନଗର ସଭାପତି ଭାସ୍କର ବାଙ୍ଗାରି ଅଧ୍ୟକ୍ଷତା କରିଥିଲେ। ପିସିସି ସଭ୍ୟ ଭୋକାଲି ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲା କଂଗ୍ରେସ ସମ୍ପାଦକ ଦଣ୍ଡପାଣି ପାତ୍ର ମୁଖ୍ୟବକ୍ତା ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ନିମାଇଁ, ପ୍ରହଲାଦ ନାୟକ, ହରେଶ ନାୟକ, କେଶରି ବାଙ୍ଗାରି ପ୍ରମୁଖ ବିଭିନ୍ନ ଆଲୋଚନାରେ ଭାଗ ନେଇଥିଲେ। ଅନୁସୂଚିତ ଓ ଦଳିତ ସଂଗଠନର ଅନେକ ଲୋକ ଉପସ୍ଥିତ ଥିଲେ।

## ଅଟୋ–ସ୍କୁଟି ଧକ୍କା: ଜଣେ ମୃତ, ୨ ଗୁରୁତର

ଖଲ୍ଲିକୋଟ,୧୮।୧୨(ପ୍ରଶାନ୍ତ କୁମାର ମିଶ୍ର) ଖଲ୍ଲିକୋଟ ଥାନା ୧୬ ନମ୍ବର ଜାତୀୟ ରାଜପଥ ସିଙ୍ଗଡାପଲ୍ଲୀଠାରେ ସୋମବାର ଏକ ଅଟୋ ରିକ୍ସା ଓ ସ୍କୁଟି ମଧ୍ୟରେ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି। କେଶପୁରରୁ ଏକ ଡାଲା ଅଟୋ (ଓଡ଼ି ୦୭ୟୁ ୭୧୦୫)ରେ କାଗଜ ପ୍ଲେଟ ବୋଝେଇ ହୋଇ ଜାତୀୟ ରାଜପଥରୁ ସିଙ୍ଗଡାପଲ୍ଲୀ ଗ୍ରାମକୁ ଯିବା ପାଇଁ ବୁଲାଉଥିବା ବେଳେ ପଛରୁ ସ୍କୁଟି (ଓଡ଼ି ୦୨ ଏକେ ୬୨୪୬) ଆସି ଧକ୍କା ହେବାରୁ ଅଟୋ ଓଲଟି ପଡିଥିଲା। ଫଳରେ ଅଟୋରେ ବସିଥିବା ଶ୍ରମିକ ଭୂତସରସିଂ ଗ୍ରାମର ସନ୍ତୋଷ କୁମାର ପାତ୍ର ଏବଂ ସ୍କୁଟିରେ ବସିଥିବା କନକା ଗ୍ରାମର ଜୀବନ ନାୟକ ଓ ପେଣ୍ଠୁରାପଲ୍ଲୀ ଗ୍ରାମର ପ୍ରଦୀପ କୁମାର ସାହୁ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ସନ୍ତୋଷଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ୨ ଗୁରୁତରଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଖଲ୍ଲିକୋଟ ପୋଲିସ ମୃତଦେହକୁ ଜବତ କରିଛି। ଅଟୋ ଡ୍ରାଇଭର ଫେରାର ଅଛନ୍ତି।

# ପରିବେଶ ସୁରକ୍ଷାରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଭୂମିକା ଗୁରୁତ୍ୱପୂର୍ଣ୍ଣ

ବ୍ରହ୍ମପୁର ,୧୮।୧୨(ତନୁଶ୍ରୀ ନାହାକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା ପରିବେଶ ସମିତିର ମିଳିତ ଆନୁକୁଲ୍ୟରେ ବିଶ୍ୱ ବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ଦୁଇ ଦିନିଆ ୨୪ତମ ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସ ସୋମବାର ଉଦଘାଟିତ ହୋଇଛି। ଚଳିତବର୍ଷ ଏହାର ମୁଖ୍ୟ ପ୍ରସଙ୍ଗ ହେଉଛି 'ପରିବେଶୀୟ ଆହ୍ୱାନରେ – ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଭୂମିକା'। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନ୍ତର୍ଜାତୀୟ ବଙ୍ଗୋପସାଗର ପ୍ରୋଗ୍ରାମ୍, ଚେନ୍ନାଇର ନିର୍ଦ୍ଦେଶକ ଡ଼. ପି. କ୍ରିଷ୍ଣନ ଉପସ୍ଥିତ ଥିଲେ। ସମ୍ମାନନୀୟ ଅତିଥି ଭାବେ ନୂଆଦିଲ୍ଲୀସ୍ଥ ଇନ୍ଦ୍ରପ୍ରସ୍ଥ ବିଶ୍ୱବିଦ୍ୟାଳୟର ପୂର୍ବତନ ଡିନ ପ୍ରଫେସର ଏନ. ସି. ଗୁପ୍ତା ଯୋଗଦେଇଥିଲେ। ଅତିଥି ଓ ବୈଜ୍ଞାନିକମାନେ ବିଶ୍ୱସ୍ତରରେ ବର୍ତ୍ତମାନ ସୃଷ୍ଟି ହୋଇଥିବା ପରିବେଶ ପ୍ରଦୂଷଣ, ଏହାର ଭୟାବହତା ଓ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ପରିବେଶଜନିତ ସମସ୍ୟାକୁ ପ୍ରତିହତ କରିବା ଦିଗରେ ନୂତନ ଗବେଷଣାକୁ ପ୍ରୋତ୍ସାହିତ କରିବା ଓ ବିଶ୍ୱତାପନ, ଜଳବାୟୁ ପରିବର୍ତ୍ତନ, ବିଭିନ୍ନ ପ୍ରକାର ପ୍ରଦୂଷଣ, ଜଙ୍ଗଲ ହ୍ରାସ, ଜୈବବିବିଧତାର ଅବନତି, ଓଜୋନ ସ୍ତରରେ ଅବକ୍ଷୟ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଆମ ରାଜ୍ୟର ବୈଜ୍ଞାନିକ ଅନୁଷ୍ଠାନ ଏବଂ ଗବେଷକମାନେ ମଧ୍ୟ ସ୍ଥାନୀୟ ପରିବେଶ ସମସ୍ୟାର ସମାଧାନ ଦିଗରେ ବ୍ରତୀ ହେବା ନିମନ୍ତେ ଚର୍ଚ୍ଚା ହୋଇଥିଲା। କାର୍ଯ୍ୟକ୍ରମରେ ୪୦୦ରୁ ଊର୍ଦ୍ଧ୍ୱ ବହୁ ଯୁବ ବୈଜ୍ଞାନିକ, ଗବେଷକ ଓ ପ୍ରତିନିଧି ଯୋଗଦେଇଥିଲେ। ବୈଜ୍ଞାନିକ ଓ ଗବେଷକ ମାନେ ନିଜ ନିଜର ପ୍ରସ୍ତୁତ ସନ୍ଦର୍ଭ ଉପସ୍ଥାପନ କରିବେ। ଏଥିରେ ଭୁବନେଶ୍ୱର ଏମ୍‌ସର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ମହାପାତ୍ର, ରାଉରକେଲା ଏନଆଇଟିର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ସୁନୀଲ କୁମାର ଷଡ଼ଙ୍ଗୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ପଦାର୍ଥ ବିଜ୍ଞାନ ପ୍ରଫେସର ଗୌରୀ ଶଙ୍କର ତ୍ରିପାଠୀ ଏବଂ ପୂର୍ବତନ ଉଦ୍ଭିଦ ବିଜ୍ଞାନ ପ୍ରଫେସର ମଳୟ କୁମାର ମିଶ୍ରଙ୍କୁ ବିଜ୍ଞାନ କ୍ଷେତ୍ରରେ ଜୀବନବ୍ୟାପୀ ଉତ୍ସର୍ଗ ପାଇଁ ସମ୍ମାନିତ କରାଯାଇଥିଲା। ପରିବେଶ ସମିତିର ସଭାପତି ଡ଼. ସୁନ୍ଦର ନାରାୟଣ ପାତ୍ର, ବିଜ୍ଞାନ କଂଗ୍ରେସର ଆବାହକ ତଥା ସମିତିର ସମ୍ପାଦକ ଡ଼. ଜୟକୃଷ୍ଣ ପାଣିଗ୍ରାହୀ ଏବଂ ପରିବେଶ ବିଜ୍ଞାନ ବିଭାଗର ମୁଖ୍ୟ ଡ଼. ବି. ଅଞ୍ଜନ କୁମାର ପୃଷ୍ଟି ସହଯୋଗ କରିଥିଲେ। ରସାୟନ ବିଜ୍ଞାନର ଅଧ୍ୟାପକ ଡ଼. ସତ୍ୟନାରାୟଣ ସାହୁ ଧନ୍ୟବାଦ ଦେଇଥିଲେ।

## ଜାତୀୟସ୍ତରୀୟ ବକ୍ସିଂ ପ୍ରତିଯୋଗିତାରେ ଗଞ୍ଜାମରୁ ୩ ପ୍ରତିଯୋଗୀ



ଜାତୀୟସ୍ତରୀୟ ମହିଳା ବକ୍ସିଂ ପାଇଁ ମନୋନୀତ ପ୍ରତିଯୋଗୀ ।

ବ୍ରହ୍ମପୁର,୧୮।୧୨(ତନୁଶ୍ରୀ ନାହାକ) ବକ୍ସିଂ ଫେଡ଼େରେସନ ଅଫ ଇଣ୍ଡିଆ ଓ ଉତ୍ତର ପ୍ରଦେଶ ବକ୍ସିଂ ଆସୋସିଏସନ ଆନୁକୁଲ୍ୟରେ ଡ଼ିସେମ୍ବର ୨୧ ରୁ ୨୭ ପର୍ଯ୍ୟନ୍ତ ଉତ୍ତର ପ୍ରଦେଶର ଗ୍ରେଟର ନୋଇଡ଼ା ସ୍ଥିତ ଗୌତମ ବୁଦ୍ଧ ବିଶ୍ୱବିଦ୍ୟାଳୟଠାରେ ୭ମ ଜାତୀୟସ୍ତରୀୟ ମହିଳା ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଦେଶର ବିଭିନ୍ନ ରାଜ୍ୟର ୪୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତା ନିମନ୍ତେ ସୋମାବାର ୧୨ ଜଣିଆ ରାଜ୍ୟ ମହିଳା ବକ୍ସିଂ ଦଳ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଦଳରେ ଗଂଜାମ ଜିଲାରୁ ୩ ପ୍ରତଯୋଗୀ ଅଛନ୍ତି। ସେମାନେ ହେଲେ ଏ.ରିତୁ ରାଓ, ଶୃତିସା ରାଣୀ ପାଣିଗ୍ରାହୀ ଓ ସୁନୀତା ଗୌଡ଼ । ପ୍ରତିଯୋଗୀଙ୍କ ସହ ସ୍ଥାନୀୟ କୋଚ ତଥା ଜାତୀୟ ରେଫେରୀ ଶିଶିର କୁମାର ପାଣିଗ୍ରାହୀ ଉତ୍ତରପ୍ରଦେଶ ଅଭିମୁଖେ ଯାତ୍ରା କରୁଛନ୍ତି। ଗଂଜାମ ଜିଲା ବକ୍ସିଂ ସଂଘ ପକ୍ଷରୁ ସମ୍ପାଦକ କେ.ପ୍ରଭାକର ରାଓଙ୍କ ସମେତ ଜିଲା କ୍ରୀଡ଼ା ସଂଘ ସମ୍ପାଦକ ଅଶୋକ ସାହୁ ଓ ଅନ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି।

